ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Labour and ESI (OD)/ 122/07-02-2025**

## ଶ୍ରମ ଆୟୁକ୍ତଙ୍କ ଦ୍ୱାରା "ଶ୍ରମିକ ସଚେତନତା ରଥ"ର ଶୁଭାରମ୍ଭ

ଭୁବନେଶ୍ୱର, ତା ୭.୨.୨୫

ରାଜ୍ୟ ଶ୍ରମ ଆୟୁକ୍ତ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ଆଜି "ଶ୍ରମିକ ସଚେତନତା ରଥ"ର ଶୁଭାରମ୍ଭ କରିଛନ୍ତି । ରାଜଧାନୀ ଭୁବନେଶ୍ୱରର ୟୁନିଟ-୩ ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ସବୁଜ ପତାକା ହଲାଇ ଶ୍ରୀ ତ୍ରିପାଠୀ "ଶ୍ରମିକ ସଚେତନତା ରଥ"ର ଶୁଭାରମ୍ଭ କରିଥିଲେ ।

ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକରେ ଏକ ମାସ ବ୍ୟାପୀ ଏହି ସଚେତନତା ଅଭିଯାନ କରାଯିବ । ଶ୍ରମିକ ସଚେତନତା ରଥ ମାଧ୍ୟମରେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ କଲ୍ୟାଣ ବୋର୍ଡ ଦ୍ୱାରା ଶ୍ରମିକମାନଙ୍କ କଲ୍ୟାଣ ସାଧନ ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପଦକ୍ଷେପ, ଶ୍ରମ ସଂସ୍କାର, ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି, ଶିଶୁ ଶ୍ରମିକ ଆଇନ ସମ୍ବନ୍ଧରେ ଜିଲ୍ଲାର ଶ୍ରମିକମାନେ ସଚେତନ ଓ ଅବଗତ ହେବେ ।

ଏହି ଶୁଭାରମ୍ଭ ଅବସରରେ ଅତିରିକ୍ତ ଶ୍ରମ ଆୟୁକ୍ତ ଶ୍ରୀ ଘାସିରାମ ଟୁଡୁ, ଅତିରିକ୍ତ ଶ୍ରମ ଆୟୁକ୍ତ ଶ୍ରୀ ମଦନ ମୋହନ ପାଇକ, ଯୁଗ୍ମ ଶ୍ରମ ଆୟୁକ୍ତ ଶ୍ରୀ ବିଘ୍ନଜିତ ଏମ ମହାପାତ୍ର, ଯୁଗ୍ମ ଶ୍ରମ ଆୟୁକ୍ତ ଶ୍ରୀ ପ୍ରଣବ କୁମାର ପାତ୍ର, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଶ୍ରୀମତୀ ନିବେଦିତା ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀମତୀ ବନାନୀ ମହାପାତ୍ର, ଶ୍ରୀ ସୁଜିତ ପଟ୍ଟନାୟକ, ଶ୍ରୀ ଅଜୟ କୁମାର ପ୍ରଧାନ, ଶ୍ରୀ ବି ବି ଆଚାର୍ଯ୍ୟ, ଶ୍ରୀ ପ୍ରଭାକର ବିଶ୍ୱାଳ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ରାଜ୍ୟର ସମସ୍ତ ଜିଲ୍ଲାରେ ଏହିଭଳି ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରାଯାଇ ସଂପୃକ୍ତ ଜିଲ୍ଲାର ଶ୍ରମିକମାନଙ୍କୁ ଶ୍ରମ ବିଭାଗର କଲ୍ୟାଣମୂଳକ କାର୍ଯ୍ୟାବଳୀ ସମ୍ପର୍କରେ ସଚେତନ ଓ ଅବଗତ କରାଯିବ ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ